ପ୍ରେସ୍ ନୋଟ୍

# ଜିଲ୍ଲା ସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ।

## ଆଲୋଚନା ଚକ୍ର ଓ କବିତା ପାଠ ଅନୁଷ୍ଠିତ ।

ଅନୁଗୋଳ,ତା. ୦୨.୧୦:- ଯୁଗସ୍ରଷ୍ଟା ଜାତିର ଜନକ ମହାତ୍ମାଗାନ୍ଧୀ ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ଜିଲ୍ଲା ସ୍ତରୀୟ ଜୟନ୍ତୀ ଆଜି ସକାଳେ ଗାନ୍ଧୀ ପାର୍କ ଓ ଜିଲ୍ଲା ପାଠାଗାର ଠାରେ ପାଳିତ ହୋଇଯାଇଛି । ଜିଲ୍ଲା ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲ୍ଲା ସାହିତ୍ୟ ସଂସଦ ଦ୍ୱାରା ମିଳିତ ଭାବେ ଆୟୋଜିତ ଜିଲ୍ଲା ସ୍ତରୀୟ ସମାରୋହରେ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଜିଲ୍ଲାରେ ମହାତ୍ମାଗାନ୍ଧୀଙ୍କର ପାଦ ପଡିଥିଲା ୧୯୩୪ ମସିହା ମେ ମାସ ୫ ତାରିଖରେ । ତାଂକର ଏହି ଐତିହାସିକ ପଦଯାତ୍ରା ଉପଲକ୍ଷେ ଆଜି ଛେଣ୍ଡିପଦାର ଦୁର୍ଗାପୁର ଓ ଅନୁଗୋଳର ବନ୍ତଲାରୁ ସଙ୍କିର୍ତ୍ତନ ଦଳ ସିମିଳିପଡାରୁ ଗାନ୍ଧୀପାର୍କ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ । ସିମିଳିପଡା ଠାରେ ଆୟୋଜିତ ମାଲ୍ୟାର୍ପଣ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗାନ୍ଧିଜୀଙ୍କର ଆତ୍ମଜୀବନି ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ଜିଲ୍ଲା ସାହିତ୍ୟ ସଂସଦ ତରଫରୁ ପାଠାଗାର ଠାରେ ଆଲୋଚନା ଚକ୍ର ଏବଂ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରିଣୀ ଶ୍ରୀମତୀ ସରିତା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଗାନ୍ଧିଜୀଙ୍କର ଅହିଂସା ନିତୀକୁ ସମସ୍ତେ ଅନୁସରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଡ. ଶାନ୍ତନୁ କୁମାର ସର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କର ନୀତି ଓ ଆଦର୍ଶର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ । ସଭାରେ ସଭାପତିତ୍ୱ କରୁଥିବା ପ୍ରାଧ୍ୟାପକ ଶ୍ରୀ କୁମୁଦ ଚନ୍ଦ୍ର ଦାସ ଓଡିଆ ସାହିତ୍ୟରେ ଗାନ୍ଧି ଓ ଶାସ୍ତ୍ରୀଙ୍କ ପ୍ରଭାବ ଉପରେ ଆଲୋଚନା କରିଥିଲେ । ସମ୍ପାଦକ ଶ୍ରୀ ରାଧାକାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ପ୍ରାଧ୍ୟାପକ କୁଳମଣୀ ନାୟକ ମଙ୍ଗଳ ସ୍ତୋତ୍ର ଆବୃତ୍ତି କରିଥିଲେ । ଡ.ଦଧିବାମନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଶ୍ରୀ ମନୋଜ କୁମାର ବେହେରା ସଂଯୋଜନା କରିଥିଲେ ।

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ  ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ  ବିଭାଗ ତରଫରୁ ପ୍ରତ୍ୟୁଷରେ ସହରରେ ରାମଧୁନ ରେକର୍ଡ ଯୋଗେ  ଗାନ କରାଯାଇଥିଲା  । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ   ଶ୍ରୀ ଦୁଃଖବନ୍ଧୁ ମାଝି ,ଜିଲ୍ଲା  ଗ୍ରନ୍ଥ ।ଗାରିକ ଶ୍ରୀ ଲକ୍ଷ୍ମୀପ୍ରସାଦ ଦ୍ୱିବେଦୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।  ଅନୁଗୋଳ ପୌରପାଳିକା ତରଫରୁ ଗାନ୍ଧୀ ପାର୍କ ଠାରେ ମାଲ୍ୟାର୍ପଣ  କାର୍ଯ୍ୟକ୍ରମ  ଆୟୋଜିତ ହୋଇଥିଲା  ।  ଏହି କାର୍ଯ୍ୟକ୍ରମରେ  ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ  ଶ୍ରୀ ଦିଲ୍ଲିପ କୁମାର ସାହୁ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ  ବାସୁଦେବ ଶତପଥି, ଡେପୁଟୀ  କଲେକ୍ଟର ଶ୍ରୀ ବଇତୁରା ଦିପ୍, ଜଗନ୍ନାଥ ପରିଚାଳନା କମିଟିର ସମ୍ପାଦକ ଶ୍ରୀ ହେମନ୍ତ କୁମାର ଦାସ,  କଳାକାର ସଭାପତି ଶ୍ରୀ ଭୂପେଶ  ଚନ୍ଦ୍ର  ପ୍ରଧାନ, ରିୟାଜୁଦ୍ଦିନ ଅହମ୍ମଦ, ଫାଦର ଯୋଶିଓ କାଉରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ  ଓ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।





